The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

# ଗଣକବି ବୈଷ୍ଣବ ପାଣିଙ୍କ ସାହିତ୍ୟ ସର୍ଜନାରେ ଭାଷା ପ୍ରୟୋଗର ବିଭିନ୍ନତା

ଡଃ. ଇତିଶ୍ରୀ ଦାଶ
ଓଡ଼ିଆ ଅଧ୍ୟାପିକା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ,
ଭୁବନେଶ୍ୱର, ଓଡ଼ିଶା

**ଶୋଧସାର:**

ଗଣକବି ବୈଷ୍ଣବପାଣି ଭାଗବତ, ରାମାୟଣ, ମହାଭାରତ,ବିଷୟବସ୍ତୁକୁ ମୁଖ୍ୟ ଆଧାର ରୂପେ ଗ୍ରହଣ କରି ଗୀତିନାଟ୍ୟ ରଚନା କରିଥିଲେ ହେଁ ସେଥିରେ ବ୍ୟବହୃତ ଭାଷାର ସ୍ୱତନ୍ତ୍ରତା ପୃଥକ୍ ଭାବରେ ଅଲଗା ହୋଇପଡେ । ଶୁଦ୍ଧ ଭାଷା ସହିତ ସରଳ ଗାଉଁଲି ଶବ୍ଦକୁ ମଧ ପ୍ରୟୋଗ କରୁଛନ୍ତି ଏତଦ୍ ବ୍ୟତୀତ ତତ୍ସମ, ତଦ୍ଭବ ଓ ଦେଶଜ ଶବ୍ଦ ସହିତ ବିଭିନ୍ନ ବୈଦିକ ଭାଷା ଯଥା ଇଂଗ୍ରାଜୀ, ଯାବନିକ, ଦ୍ରାବିଡ, ଆଦି ଭାଷାର ସଂଯୋଗ ମଧ ତାଙ୍କ ରଚନାରେ ଦେଖିବାକୁ ମିଳେ । ଏହି ଶୋଧପତ୍ରରେ ଗଣକବି ବୈଷ୍ଣବପାଣିଙ୍କ ସାହିତ୍ୟରେ ବ୍ୟବହୃତ ଭାଷା ତଥା ଶବ୍ଦ ପ୍ରୟୋଗର ବିଶଦ ଆଲୋଚନା ପ୍ରତିପାଦିତ ହୋଇଛି ।

**କୂଟଶବ୍ଦ**

ଓଡିଆ ସାହିତ୍ୟ, ବଡଛତା, କୋଠପଦା, ଲୋକଭାଷା, ପୂର୍ବସୂରୀ, ଯାତ୍ରାଭାଷା, ଶିଶୁଭାଷା, ତତ୍ସମ ଶବ୍ଦ, ତଦ୍ଭବ ଶବ୍ଦ, ଦେଶଜ ଶବ୍ଦ, ଗଣକବି ।

**ଉପକ୍ରମ**

ସାହିତ୍ୟ ସର୍ଜନାର ସଫଳତାରେ ଭାଷାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟ ହେଉଛି ଭାଷାର ଏକ ବ୍ୟକ୍ତିଗତ କସରତ୍ ଉପଯୁକ୍ତ ଶବ୍ଦ ଚୟନ କରି ସେଗୁଡ଼ିକର ସଂଯତ ଉପସ୍ଥାପନ କରିବା ସହିତ ଅର୍ଥଗତ ପ୍ରାଞ୍ଜଳତାକୁ ଗୁରୁତ୍ୱ ଦେବା ସାହିତ୍ୟକାରଙ୍କର ଦାୟିତ୍ୱ । ଚିନ୍ତନ ଓ ପ୍ରକାଶ ମଧ୍ୟରେ ସାମଞ୍ଜସ୍ୟ ରକ୍ଷାକରି, ଭାଷା ପ୍ରୟୋଗ କରିବା ଉତ୍ତମ ଲେଖକଙ୍କର ସଦାସର୍ବଦା କର୍ତ୍ତବ୍ୟ ।[1] ଏହିପରି ଏକ ଉତ୍ତମ ଲେଖକ ହେଉଛନ୍ତି କଟକ ଜିଲ୍ଲାର ମାହାଙ୍ଗ ଥାନା ଅନ୍ତର୍ଗତ, ବିରୁପାନଦୀ କୂଳରେ ଅବସ୍ଥିତ କୋଠପଦା ଗ୍ରାମରେ ୧୮୮୨ ମସିହା କୁମାର ପୂର୍ଣ୍ଣିମା ଗୁରୁବାର ରାତ୍ରିରେ ଏକ ଗରିବ ବ୍ରାହ୍ମଣ ପରିବାରରେ ଜନ୍ମ ନେଇଥିବା ସାହିତ୍ୟର ଅମ୍ଳାନ ପ୍ରତିଭା ବୈଷ୍ଣବ ପାଣି । ପିଲାଦିନୁ ଅତ୍ୟନ୍ତ ଦୁର୍ବଳ ଓ ରୋଗାକ୍ରାନ୍ତ ଥିବା ବୈଷ୍ଣବ ପାଣିଙ୍କର ବାଲ୍ୟ ନାମ ଥିଲା ଶତ୍ରୁଘ୍ନ । ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦଦେବୀ, ଜଗନ୍ନାଥଙ୍କ ବଡ଼ଛତା ତଳେ ଶତ୍ରୁଘ୍ନଙ୍କୁ ବୈଷ୍ଣବ କରି ଦେବା ପରଠାରୁ ସେ ବୈଷ୍ଣବ ପାଣି ନାମରେ ପରିଚିତ ହୋଇ ପରବର୍ତ୍ତୀ କାଳରେ ଓଡ଼ିଶାର ପୁରପଲ୍ଲୀରେ ପ୍ରତିଷ୍ଠା ଅର୍ଜନ କରିଥିଲେ ।

ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ପ୍ରମୁଖ ପଞ୍ଚସଖା ଯୁଗୀୟ ସାହିତ୍ୟକାର; ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି ରୀତିଯୁଗୀୟ ସାହିତ୍ୟିକମାନେ ଓଡ଼ିଆ ଭାଷାରେ ବଳିଷ୍ଠ ଓ ପ୍ରାଣବନ୍ତ ସାହିତ୍ୟମାନ ରଚନା କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲେ, ପରବର୍ତ୍ତୀ କାଳରେ ସେହି ଓଡ଼ିଆ ଭାଷା ଘୋର ସଙ୍କଟ ଅବସ୍ଥା ମଧଦେଇ ଗତି କରିଥିଲା । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବଙ୍ଗାଳୀମାନେ ଏହାକୁ ବଙ୍ଗଳା ଭାଷାର ଏକ ଉପଭାଷା ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ଇଂରେଜମାନେ ଓଡ଼ିଶା ଶାସନ କରିବା ଅବସରରେ ବଙ୍ଗାଳୀମାନେ ଓଡ଼ିଶାର ଶାସନ କ୍ଷେତ୍ରର ପ୍ରଧାନ ପଦପଦବୀରେ ଅଧିଷ୍ଠିତ ହୋଇ 'ଉଡ଼ିୟା ଏକଟା ସ୍ୱତନ୍ତ୍ର ଭାଷା ନୁହେ' ବୋଲି ସ୍ୱର ଉତ୍ତୋଳନ କରିଥିଲେ । ଓଡ଼ିଶାରେ ସେମାନେ ବଙ୍ଗଳା ଭାଷାର ପ୍ରଚଳନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ ମୁଖକୁ ଠେଲି ଦେବାପାଇଁ ଅପଚେଷ୍ଟା ଚଳାଇଥିଲେ ।

ଓଡ଼ିଆ ଲୋକମାନଙ୍କର ଭାଷା ଓ ସଂସ୍କୃତିଗତ ଅଧଃପତନ ଲକ୍ଷ୍ୟକରି ପରିବର୍ତ୍ତିତ ସାମାଜିକ ପରିସ୍ଥିତିରେ କେତେକ ଲୋକପ୍ରିୟ ଓଡ଼ିଆ ଲେଖକ ଲୋକସାଧାରଣଙ୍କ କଥିତ ଭାଷାରେ ବିଭିନ୍ନ ଯାତ୍ରା, ଲୋକନାଟକ, ସୁଆଙ୍ଗ, ପ୍ରହସନ, ଫାଶ ଆଦି ରଚନା କରି ମନୋରଞ୍ଜନର ଯତ୍କିଞ୍ଚିତ ବ୍ୟବସ୍ଥା ସ୍ୱରୂପ ସେ ଗୁଡ଼ିକୁ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶନ କରାଇ ସାଧାରଣ ଜନତାଙ୍କ ମାନସିକ ଆନନ୍ଦ ବୃଦ୍ଧି କରିବାରେ ସହାୟକ ହୋଇଥିଲେ । ସେମାନଙ୍କ ମଧ୍ୟରେ

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

ଗଣକବି ବୈଷ୍ଣବ ପାଣି ଅନ୍ୟତମ । ତାଙ୍କର ଭାଷା ଉପରେ ଯଥେଷ୍ଟ ଜ୍ଞାନ ଥିଲା । ସେ ସାଧାରଣରେ ପ୍ରଚଳିତ ନିରୋଳ ଲୋକମୁଖର ଓଡ଼ିଆ ଭାଷାକୁ ଅତି ଚମତ୍କାର ଭାବେ ସାହିତ୍ୟକ ଅଭିବ୍ୟକ୍ତିର ଶ୍ରେଷ୍ଠ ମାଧ୍ୟମରୂପେ ପ୍ରୟୋଗ କରିଛନ୍ତି । ତାଙ୍କର ସଂଳାପ ଗୁଡ଼ିକ ସଂସ୍କୃତ ଛାଞ୍ଚରେ ଢଳା ନୁହେଁ କିମ୍ବା ପୂର୍ବସୂରୀମାନଙ୍କ ପରି ଦୀର୍ଘ  ସମାସ ବହୁଳ ନୁହେଁ ।

ଭାଷା ଦୃଷ୍ଟିରୁ ଚିନ୍ତାକଲେ ବୈଷ୍ଣବପାଣିଙ୍କ ରଚନା ସରଳ, ସାବଲୀଳ, ସହଜ ଓ ବାଗାଡ଼ମ୍ବର ରହିତା ଭାବ ଅନୁଯାୟୀ ଭାଷାର ସୃଷ୍ଟି । ଭାବଠାରୁ ଭାଷାକୁ ପୃଥକ୍ କରି ବିଚାର କରିବା କଠିନକର ବ୍ୟାପାର । ତାଙ୍କ ସୃଷ୍ଟିର ପାତ୍ରମାନଙ୍କର ସାମାଜିକ ସ୍ଥିତି, ଅବସ୍ଥା ଓ ପାରିପାଶ୍ୱର୍କୁ ଦୃଷ୍ଟିରେ ରଖି ଗଣକବି ଉପଯୁକ୍ତ ଭାଷାର ବ୍ୟବହାର କରିଛନ୍ତି । ତେବେ କେତେକ ସ୍ଥାନରେ ସେ କଠିନ ଶବ୍ଦର ବ୍ୟବହାର ମଧ୍ୟ କରିଛନ୍ତି ।

"ମନ୍ତ୍ରୀ! ମନୋହର ଏ କାନନ ଭୂମି
ଲତର କୁଞ୍ଜେ କୋକିଳ କୂଜିତ
ଫୁଲ ଗୁଚ୍ଛେ ଭ୍ରମର ଗୁଞ୍ଚଠନ
ମନ୍ଦ ମନ୍ଦ ମରୁତ ସଞ୍ଚରି
ମନ ପ୍ରାଣ କରୁଛି ହରଣ ।। [2]

ରାବଣ ପରି ଜଣେ ପଣ୍ଡିତ ମୁଖରେ ଏପରି ଭାଷା ଅନୁପଯୁକ୍ତ ହୋଇନଥିଲେ ହେଁ ସାଧାରଣ ନିରକ୍ଷର ଗ୍ରାମବାସୀଙ୍କ ପାଇଁ ଏପରି ଶବ୍ଦ ସଂଯୋଜନାକୁ ବୁଝିବା ଦୁର୍ବୋଧ ହୋଇପଡ଼ିଛି ।

ବୈଷ୍ଣବ ପାଣି ଗାଁରେ ଜନ୍ମଲାଭ କରି, ସେହିଠାରେ ହିଁ ତାଙ୍କର ଜୀବନ ବିତାଇଥିଲେ ଏବଂ ସେହି ଗ୍ରାମର ନିରକ୍ଷର ଲୋକଙ୍କ ଉଦ୍ଦେଶ୍ୟରେ ନାଟକ ମଧ୍ୟ ରଚନା କରିଥିଲେ । ତେଣୁ ସେହି ଗ୍ରାମୀଣ ଭାଷା ଥିଲା ତାଙ୍କ ଯାତ୍ରାର ଭାଷା । ଯେଉଁ ଭାଷା ଥିଲା ସର୍ବସାଧାରଣଙ୍କର ସମ୍ପତ୍ତି, ସର୍ବବୋଧ ଓ ସର୍ବଗ୍ରାହ୍ୟ ତାହାକୁ ହିଁ ଗ୍ରହଣ କରି ବୈଷ୍ଣବ ପାଣି ରଚନା କଲେ ଅନେକ ଯାତ୍ରା, ସୁଆଙ୍ଗ । ବୈଷ୍ଣବ ପାଣିଙ୍କର ଏପରି ଦକ୍ଷତା ଓ ଶିଳ୍ପନୈପୁଣ୍ୟ ସାଧାରଣ ନିରକ୍ଷର ଦର୍ଶକ ତଥା ପାଠକଠାରୁ ଆରମ୍ଭ କରି ବୁଦ୍ଧିଜୀବି ପର୍ଯ୍ୟନ୍ତ ସମସ୍ତଙ୍କୁ ମୁଗ୍ଧ କାରିପାରୁଥିଲା । ସାଧାରଣ ଜନତା ଯେଉଁ ଭାବରେ ଆମୋଦିତ ହୋଇପାରିବେ ସେହି ଭାଷା ବିନ୍ୟାସରେ ସେ ଥିଲେ ଅପ୍ରତିଦ୍ୱନ୍ଦୀ । ଶୁଦ୍ଧ ଭାଷା ସହିତ ସରଳ, ଗଉଁଲି ଶବ୍ଦର ପ୍ରୟୋଗ ପୁଣି ବିଭିନ୍ନ ଯାବନିକ ଓ ଇଂରାଜୀ ଶବ୍ଦ, ତତ୍ସମ, ତଦ୍ଭବ ଓ ଦେଶଜ ଶବ୍ଦର ବ୍ୟବହାର ତାଙ୍କ ଗୀତାନୟଗୁଡ଼ିକୁ କରିଛି ଅଧିକ ରସାଳ ଓ ଜୀବନ୍ତ, ଅଣ ଓଡ଼ିଆ ଚରିତ୍ରମାନଙ୍କ ମୁଖରେ ହିନ୍ଦୀ, ବଙ୍ଗଳା ମିଶ୍ରିତ ଭାଷା ଖଞ୍ଜିବାରେ ଗଣକବି ବେଶ୍ ସଫଳତା ଅର୍ଜନ କରିଛନ୍ତି । ବୈଷ୍ଣବ ପାଣିଙ୍କ ସାହିତ୍ୟରେ ବ୍ୟବହୃତ ବିଭିନ୍ନ ଭାଷା ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା ।

**ତତ୍ସମ ଶବ୍ଦ :**

'ତତ୍' + 'ସମ' = ତତ୍ସମ । ଅର୍ଥାତ୍ ସଂସ୍କୃତ ଭାଷାରେ ବ୍ୟବହୃତ ଯେଉଁ ଶବ୍ଦଗୁଡ଼ିକର କୌଣସି ପରିବର୍ତ୍ତନ ନହୋଇ ଅବିକଳ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ ହୁଅନ୍ତି ତାହାକୁ 'ତତ୍ସମ' ଶବ୍ଦ କୁହାଯାଏ । କାଳକ୍ରମେ ସଂସ୍କୃତ ଭାଷା ଲୋକମୁଖରେ ପରିବର୍ତ୍ତିତ ହୋଇ ପ୍ରାକୃତ ଭାଷାରେ ପରିଣତ ହେଲା । ଏହି ପ୍ରାକୃତ ଭାଷାରୁ ଓଡ଼ିଆ ଭାଷାର ସୃଷ୍ଟି ହେଲା । ତେଣୁ ବହୁତ ସଂସ୍କୃତ ଶବ୍ଦ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇ ଓଡ଼ିଆ ଶବ୍ଦ ରୂପେ ଗ୍ରହଣୀୟ ହେଲା ।[3] ଏହିଭଳି କେତେକ ତତ୍ସମ ଶବ୍ଦ ପାଣି କବିଙ୍କ ସାହିତ୍ୟ ସର୍ଜନା ମଧ୍ୟରେ ଦୃଷ୍ଟିଗୋଚର ହୁଏ । ଯଥା :-  ଶ୍ରବଣ, ନୃଶଂସ, ଅକ୍ରୁର, ସନ୍ଦେହ, ପୁରୋହିତ, ଶୁଦ୍ର, ଭଦ୍ର, ବଂଶ, ପୂଜା, ଚରଣ, ଅବଜ୍ଞା, ଆଜ୍ଞା, ଗିରି, ଧୂଳି, ଆଦିତ୍ୟ, ପ୍ରାଚୀନ, ଦକ୍ଷିଣ, ପ୍ରତ୍ୟାବର୍ତ୍ତନା, ବିବାହ, କର୍ପୂର, ଚକ୍ରବର୍ତ୍ତୀ ଇତ୍ୟାଦି ।

**ଅର୍ଦ୍ଧତତ୍ସମ :**

ଯେଉଁ ଶବ୍ଦଗୁଡ଼ିକ ସଂସ୍କୃତ ଭାଷାରୁ ଉତ୍ସରିତ ହୋଇ ପ୍ରାକୃତ ଭାଷା ମଧ୍ୟ ଦେଇ ନ ଆସି ସିଧା ସଳଖ ଓଡ଼ିଆରେ ସାମାନ୍ୟ ପରିବର୍ତ୍ତିତ ରୂପରେ ବ୍ୟବହୃତ ହେଇଥାନ୍ତି ସେଗୁଡ଼ିକୁ 'ଅର୍ଦ୍ଧତତ୍ସମ' ଶବ୍ଦ କୁହାଯାଏ ।[4] ଏଭଳି ଅନେକ ଅର୍ଦ୍ଧତତ୍ସମ ଶବ୍ଦାବଳୀ ଗଣକବିଙ୍କ ଗୀତା ଭିନୟରେ ଦେଖିବାକୁ ମିଳେ ।

ଯଥା :- ଗରମ (ଗର୍ବ), ସରବେ (ସର୍ବେ), ଯତନ (ଯତ୍ନ), ଅଳପ (ଅଳ୍ପ), ବଇଷ୍ଣବ (ବୈଷ୍ଣବ), ଜନମ (ଜନ୍ମ), ରକତ (ରକ୍ତ), ଅରଜନ (ଅର୍ଜନ) ମାଉଁସ (ମାଂସ), ଓଷଦ (ଔଷଧ), କଉଶଳ (କୌଶଳ), କରତା (କର୍ତ୍ତା), ମୂରତି (ମୂର୍ତ୍ତି), ଗାଆନ୍ତି (ଗାବନ୍ତି), ମନ୍ତର (ମନ୍ତ୍ର), ଧରମ (ଧର୍ମ), ସ୍ୱରଶ (ସ୍ୱର୍ଣ୍ଣ), ବରତ (ବ୍ରତ), ଦରଶନ (ଦର୍ଶନ), ପରବତ (ପର୍ବତ), ଜଉତିଶ (ଜ୍ୟୋତିଷ) ଇତ୍ୟାଦି ।

**ତଦ୍ଭବ ଶବ୍ଦାବଳୀ :**

ତଦ୍ଭବର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ତତ୍ + ଭବ, ଅର୍ଥାତ୍ ତହିଁରୁ ଜାତ ବା ସଂସ୍କୃତରୁ ଜାତ । ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ମାନଙ୍କରେ ବ୍ୟବହୃତ ଯେଉଁ ଶବ୍ଦଗୁଡ଼ିକ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ଯଥା : ସଂସ୍କୃତ ଭାଷାରୁ ଉତ୍ପନ୍ନ ହାଇଥିଲେ ହେଁ ଉଚ୍ଚାରଣରେ ପରିବର୍ତ୍ତିତ କିମ୍ବା କ୍ଷୟପ୍ରାପ୍ତ ହୋଇଯାଇଛି ସେଗୁଡ଼ିକୁ କୁହାଯାଏ 'ତଦ୍ଭବ' ।[5] ଏଭଳି ଅନେକ ତଦ୍ଭବ ଶବ୍ଦକୁ ବୈଷ୍ଣବପାଣି ତାଙ୍କ ସୃଷ୍ଟି ମଧ୍ୟରେ ସ୍ଥାନ ଦେଇଛନ୍ତି । ଯଥା:- ବିଜେ (ବିଜୟ), ଆଠ (ଅଷ୍ଟ), ଘିଅ (ଘୃତ), ଚଉଷଠି (ଚଷଷ୍ଟି), ହାତ (ହସ୍ତ), ପାନ (ପର୍ଣ୍ଣ), ଡାହାଣ (ଦକ୍ଷିଣ), ମୁଠା (ମୁଷ୍ଟି), ଅଠା (ଅଷ୍ଟିକ), ବିଛା (ବୃଶ୍ଚିକ), ଦଇତ (ଦୈତ୍ୟ), ଦୂବ (ଦୂବା), ଭିତର (ଅଭ୍ୟନ୍ତର), କେଉଟ (କୈବର୍ତ୍ତ), ଦିଅଁ (ଦେବତା), କଉଡ଼ି (କପର୍ଦ୍ଦିକା), ବିନୋଇ (ବିନୟୀ), କୁହୁଡ଼ି (କୁଜଝଟିକା), କଠଉ (କାଷ୍ଠପାଦୁକା), ପାଟଣା (ଗ୍ରାମ), ସଜ (ସଦ୍ୟ) ଇତ୍ୟାଦି ।

**ଦେଶଜ :**

ଯେଉଁ ଶବ୍ଦଗୁଡ଼ିକର ମୂଳ ରୂପ ସଂସ୍କୃତ ଭାଷା କିମ୍ବା ପ୍ରାକୃତ ଭାଷା କେଉଁଥିରେ ମିଳେ ନାହିଁ । ସେଗୁଡ଼ିକୁ ଦେଶଜ ଶବ୍ଦ କୁହାଯାଏ । ଏହି ଶବ୍ଦଗୁଡ଼ିକ ବିଭିନ୍ନ ଦେଶର ଅଧିବାସୀମାନଙ୍କ ଦ୍ୱାରା ସୃଷ୍ଟ ବା ପ୍ରାଚୀନ ଭାଷାରୁ ଗୃହୀତ ହୋଇ ବ୍ୟବହୃତ ହୋଇଥାଏ ।[6] ଏହିପରି ବହୁ ଦେଶଜ ଶବ୍ଦରେ ଗଣକବିଙ୍କ ସାହିତ୍ୟ ଭରପୂର । ଯଥା:- ଛୁଟେଇ, ଡହଡହ, ଫାଙ୍କେନ୍ତେ, ଝୋଲା, ଟୋକା, କୁଟା, ଛପର, ଖାଣ୍ଟି, ଟଳମଳ, ଡିବିଡ଼ିବି, ବୋବାଳି, ଆଭିସା, ଏଣ୍ଡୁରି, ଅଟେଇ, ଟାଙ୍ଗିଆ, ବଟୁଆ, ଅଲରା, ଆଟିକା, ଝାମ୍ପୁରା, ଉଜାଣି ଇତ୍ୟାଦି ।

**ବୈଦେଶିକ :**

ଭାରତ, ବିଭିନ୍ନ ପ୍ରଦେଶ ତଥା ଅନ୍ୟାନ୍ୟ ଦେଶର ଲୋକଙ୍କ ସଂସ୍ପର୍ଶରେ ଆସିବା ଫଳରେ ଓଡ଼ିଆ ଶବ୍ଦ ଭଣ୍ଡାରକୁ ସେହିମାନଙ୍କ ଭାଷା ପ୍ରଭାବିତ କରିଛି । ସେହି ଭାଷାଗୁଡ଼ିକ ଓଡ଼ିଆ ଭାଷାର ବ୍ୟାକରଣ ଦ୍ୱାରା ପ୍ରଭାବିତ ହୋଇ ପରିବର୍ତ୍ତିତ ରୂପ ଗ୍ରହଣ କରି ଅନେକ କ୍ଷେତ୍ରରେ ବ୍ୟବହୃତ ହୋଇଛି । ଏଗୁଡ଼ିକୁ 'ବୈଦେଶିକ ଶବ୍ଦ' କୁହାଯାଏ । ବୈଷ୍ଣବ ପାଣି ସାହିତ୍ୟ ସୃଷ୍ଟି କରିବା ସମୟରେ ଅନେକ ବୈଦେଶିକ ଶବ୍ଦ ଯଥା :- ଯାବନିକ, ପର୍ତ୍ତୁଗୀଜ, ଇଂରାଜୀ ଆଦି ଶବ୍ଦକୁ ଗ୍ରହଣ କରିଛନ୍ତି ।

୧. **ଯାବନିକ :** ଜବତ, ଚାକର, ଗୋଲାମ, ଫରକ, ମରଦ, ଗରିବ, ହଜୁର, ଗୁହାରି, କାଇଦା, ତରଫ, ଗରଦ ସବାରି, କିଲ୍ଲା, ଜୁହାର, ଖଲାସ୍, ହୁକୁମ୍, ବଜାର, ତାମସା, ତହବିଲ, ଦଉଲତ୍, ଫିରିଙ୍ଗି, ଫୁରୁସତ୍, ମୁରବି, ଇତ୍ୟାଦି ବହୁ ଯାବନିକ ଶବ୍ଦର ବ୍ୟବହାର ବୈଷ୍ଣବପାଣିଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ଦେଖିବାକୁ ମିଳେ ।

୨. **ପର୍ତ୍ତୁଗୀଜ :** ବାସନ, କାମିଜ, କିରାଣୀ, ତମାଖୁ, ନୀଳା, ନିଲାମ, ପିସ୍ତଲ, ମାସ୍ତୁଲ, ବୋତଲ, ମୋଜା, ମେଜ, ରସିଦ, ସପେଟା, ସାଗୁ, କଫି, ଚାବି, ବୋମା, ଇସ୍ତ୍ରୀ ଇତ୍ୟାଦି ଅନେକ ପର୍ତ୍ତୁଗୀଜ ଶବ୍ଦ ବୈଷ୍ଣବପାଣିଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ଦେଖିବାକୁ ମିଳେ ।

୩. **ଇଂରାଜୀ :** ବାଣିଜ୍ୟ କରିବା ଉଦ୍‌ଦେଶ୍ୟରେ ଭାରତ ବର୍ଷକୁ ଆସିଥିବା ଇଂରେଜମାନେ ଭାରତ ତଥା ଓଡ଼ିଶାକୁ ବହୁବର୍ଷ ଧରି ଶାସନ କରୁଥିଲେ । ତେଣୁ ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ ପଡ଼ିବା ସ୍ୱଭାବିକ । ପେନ୍‌ସନ୍, ପୋଲିସ୍, କୋର୍ଟ୍, ଟ୍ରେଜେରୀ, ଟାଇମ୍, ପାଶ୍, ପିନ୍, ଭୋଟ୍, ମାଷ୍ଟର୍, ମନିଅର୍ଡ଼ର, ମେସିନ୍, ସମନ୍, କୋଟ୍, ପ୍ୟାଣ୍ଟ, ଫଟୋ, ଟିକେଟ, ଫିସ୍, ଫେଲ୍ ହୁଇସିଲ୍, ଜେଲ୍, ୱାରେଣ୍ଟ ଇତ୍ୟାଦି ଅନେକ ଇଂରାଜୀ ଶବ୍ଦ ବୈଷ୍ଣବ ପାଣିଙ୍କ ସାହିତ୍ୟିକ କୃତି ମଧ୍ୟରେ ଦେଖିବାକୁ ମିଳେ ।

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

**ହିନ୍ଦୀ ଭାଷା :**

ବୈଷ୍ଣବ ପାଣିଙ୍କ ବିଭିନ୍ନ ଯାତ୍ରାରେ ହିନ୍ଦୀ ଭାଷାର ପ୍ରୟୋଗ ଦେଖାଦେଇଛି । ପୌରାଣିକ ଯାତ୍ରାଭିନୟରେ ଏପରି ହିନ୍ଦୀଭାଷାର ପ୍ରୟୋଗ ଅପ୍ରାସଙ୍ଗିକ ମନେ ହେଲେ ମଧ୍ୟ ଏଗୁଡ଼ିକ ଚରିତ୍ରମୁଖୀ ହୋଇଥିବାରୁ ଅଶ୍ରାବ୍ୟ ହୁଏ ନାହିଁ । 'ନିଷାଦର ହରିପଦ ଲାଭ' ଗୀତା ଭିନୟରେ ଗୋବିନ୍ଦ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସେର୍ଅଲି ଖାଁ ଏବଂ ପୁରୋହିତ ମଧ୍ୟରେ କଥୋପକଥନ, ଗଣକବି ହିନ୍ଦୀ ଭାଷାରେ ବର୍ଣ୍ଣନା କରିଛନ୍ତି । 'ଭକ୍ତ ସୁଦମା' ଗୀତିନାଟ୍ୟର ଦସ୍ୟୁନାୟକଙ୍କ ମୁଖରେ ମଧ୍ୟ ଗଣକବି ହିନ୍ଦୀ ଭାଷା ଖଞ୍ଜି ଦେଇଛନ୍ତି ।[7] 'ଅଶ୍ୱମେଧ ଯଜ୍ଞ ବା ସୀତାବନବାସ ଗୀତାଭିନୟରେ ଲବକୁଶ ହିନ୍ଦୀ ଭାଷାରେ ରାମାୟଣ ଗାନ କରିଛନ୍ତି । ଏହାଛଡ଼ା କୋନ୍, ହମ୍, ନୌକର, କାହାଁ ସେ, ଆୟା ତୁମ୍, ଲୋକ, ଛୋଡ୍ କେ, ଔରକ୍ୱା, ହମାରା ପକ୍ଡ଼ୋ ପକ୍ଡ଼ୋ, ଇନ୍ସା, ଲେକିନ୍, ହୁସିଆର୍, କିସ୍କା, ମାଫ୍, ଯାଏଙ୍ଗେ, ମାନତେ, ଦେଖ୍ଲେ, ମେରା ଇତ୍ୟାଦି ଅନେକ ହିନ୍ଦୀ ଶବ୍ଦକୁ ଗଣକବି ତାଙ୍କ ସର୍ଜନା ମଧ୍ୟରେ ଗ୍ରହଣ କରିଛନ୍ତି । ତେବେ କେତେକ ସ୍ଥାନରେ ଟିକିଏ ବିକୃତ ଭାବେ ବର୍ଣ୍ଣନା କରିଛନ୍ତି ।

**ବଙ୍ଗାଳୀ ଭାଷା :**

ବୈଷ୍ଣବ ପାଣିଙ୍କ ଯାତ୍ରା ସମୂହରେ ବଙ୍ଗଳା ଭାଷାର ପ୍ରଭାବକୁ ଏଡ଼େଇ ଦିଆଯାଇ ନପାରେ । ବୈଷ୍ଣବ ପାଣି ଓଡ଼ିଆ ମାଟିରେ ଯାତ୍ରାଭିନୟ ଦେଖାଇବା ସହିତ କଲିକତାରେ ମଧ୍ୟ ଯାତ୍ରାଭିନୟ କରାଇଛନ୍ତି । ତେଣୁ ତାଙ୍କ ଉପରେ ବଙ୍ଗଳା ଭାଷାର ପ୍ରଭାବ ପଡ଼ିବ ସ୍ୱାଭାବିକ୍ । ଅନେକ୍ ସ୍ଥାନରେ ସେ ବଙ୍ଗାଳୀ ଭାଷା ସହିତ ଶବରୀ ଭାଷାର ମିଶ୍ରଣ ମଧ୍ୟ ଘଟାଇଛନ୍ତି । 'ଯଦୁବଂଶ ଧ୍ୱଂସ' ଗୀତାଭିନୟରେ ଜରାଶାରେ ମୁଖରେ ଗଣକବି ବଙ୍ଗାଳୀ ଭାଷାର ପ୍ରୟୋଗ କରିଛନ୍ତି । ସେହିପରି 'ହରିଶ୍ଚନ୍ଦ୍ର' ଗୀତିନାଟ୍ୟରେ ବାଣଭଦ୍ରର ସଂଳାପରେ ବଙ୍ଗଳା ଭାଷାର ଛାପ ଦେଖିବାକୁ ମିଳେ । 'ନିଷାଦର ହରିପଦ ଲାଭ'ରେ ବେଦିନୀଗଣ କାଙ୍କିନୀ ଓ ତା'ର ପୁତ୍ରଦ୍ୱୟ, କଲକା ଆଦି ଚରିତ୍ରମାନଙ୍କ ମୁଖରେ ଶବରୀମିଶା ବଙ୍ଗଳା ଭାଷାର ପ୍ରୟୋଗ କରିଛନ୍ତି । ଏତଦ୍ବ୍ୟତୀତ ମାନୁଷେର୍, ହବେନା, ପାରଲେନା, ଏଖାନେ, ଆମି, ପାବେନା, ଗାଛେର, ନଈର, ମାଝେ, ଜଲ୍, ଆନିତେ, ଏସେଛି ଇତ୍ୟାଦି ଅନେକ ବଙ୍ଗାଳୀ ଶବ୍ଦକୁ ସେ ଗୀତାଭିନୟରେ ଗ୍ରହଣ କରିଛନ୍ତି ।

**ଗାଉଁଲି ଭାଷା :**

ଭାଷା ଦୃଷ୍ଟିରୁ ଦେଖିଲେ ଜଣାଯାଏ ବହୁ ଗ୍ରାମୀଣ ଭାଷା ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟରେ ସଂଯୋଜିତ ହୋଇଅଛି । ବୈଷ୍ଣବ ପାଣିଙ୍କ ଅଧିକାଂଶ ଗୀତାଭିନୟ ପୌରାଣିକ, ଐତିହାସିକ ଓ କିମ୍ବଦନ୍ତୀମୂଳକ ହୋଇଥିଲେ ହେଁ ଏଥିରେ ସେ କେତେକ ନିମ୍ନ ସ୍ତରର ଚରିତ୍ରର ସଂଯୋଗ କରିଛନ୍ତି ସେମାନଙ୍କ ମୁଖରେ ଗାଉଁଲି  ଭାଷା ଖଞ୍ଜି ଦେଇଛନ୍ତି । ଯାହା ଲୋକ କଥିତ ଭାଷା, ଭାଷାର କୌଣସି ଆଡ଼ମ୍ବର ନାହିଁ । ଯାହାକୁ ନିପଟ ଗାଉଁଲି ଠାରୁ ଆରମ୍ଭ କରି ସହରୀ ପର୍ଯ୍ୟନ୍ତ ସମସ୍ତେ ବୁଝିପାରନ୍ତି ।

"ରାଜରାଣୀ ଆସିଅଛି ବାବାଜୀ ଗୋଟା
ଷଣ୍ଢ ପରେ ଚଢ଼ି ଗୋଟା ଧରିଛି ସୋଠା ।
ଦେହେ ତାର ସାପଗୁଡ଼ା, ପିନ୍ଧିଛି ବାଘଚମଡ଼ା
ହଡ଼ାମୁଣ୍ଡ ମାଳ ଗଳେ ହାତେ ତୁମ୍ବା ।"[8]

ରାଣୀଙ୍କ ପାଶେ ଡଗରର, ଗାଉଁଲି ଭାଷାରେ ଶିବଙ୍କର ଏତାଦୃଶ ବର୍ଣ୍ଣନା ବେଶ ମାର୍ମିକ ହୋଇପାରିଛି । ଗ୍ରାମର ବୃଦ୍ଧ ବୃଦ୍ଧାଙ୍କ ମୁଖରେ ବିକୃତ ଉଚ୍ଚାରଣକୁ ଗଣକବି ନିଚ୍ଛକ ଭାବେ 'ନଳ-ଦମୟନ୍ତୀ'ରେ ବର୍ଣ୍ଣନା କରିଛନ୍ତି ।

"ଆଜିତ ଗୋଟା ଦିନ କାଠ କାଟିଲି - ଚାରିଟା ପଇସା ହେବ । ନା ଯଦି ତିନି ପଇସା ହେବ ? ଗୋଟା ପଇସାରେ •ଉର, ଗୋଟା ପଇସାରେ ହରଦି, ଆଉ ଗୋଟାକରେ ନୂନ ତେଲ ହେବ । କୁରୁକୁରାଏ ତ ଏଇଥରେ ମତେ ଦେଖିପାରିବେ ନାହିଁ । ମୋରି ଠେଇଁ ଆଖି, କାଠ ଭାଙ୍ଗି ଭାଙ୍ଗି ବେର ମୁହଁକୁ ମାରିଲାନି, ମନ୍ଦାଏ ଜର ବି ପିଇନାହିଁ ।[9]

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

ଏଠାରେ ବୃଦ୍ଧା ଜଣକ ଚାଉଳକୁ ଚାଉର, ହରଡ଼ ଡ଼ାଲିକୁ ହଦର, ଲୁଣକୁ ନୁନ, କୁଳବୁଡ଼ାକୁ କୁରୁବରାଏ, ବେଳକୁ ବେର, ମାରିଲାଣିକୁ ମାରିଲାନି, ଜଳକୁ ଜର, ଆଦି ବିକୃତ କରି ଉଚ୍ଚାରଣ କରିଛି ।

ସେହିଭଳି ବାଣାପରାଜୟ, ସାକ୍ଷୀଗୋପାଳ ବାଲ୍ୟବିନୋଦ, ହରିଶ୍ଚନ୍ଦ୍ର, ଚୌରଚନ୍ଦ୍ର ଚୂଡ଼ାମଣି ପ୍ରଭୃତିରେ ବିଭିନ୍ନ ଚରିତ୍ର ମୁଖରେ ଗଣକବି ଗାଉଁଲି ଭାଷାର ପ୍ରୟୋଗ କରି ଗୀତାଭିନୟକୁ ଅଧିକ ପ୍ରାଣବନ୍ତ ଓ ଜୀବନ୍ତ କରି ଗଢ଼ି ତୋଳିଛନ୍ତି । ଗାତୁଆ, ଉଚ୍ଛୁର, ତୁଚ୍ଛେଇ, ଛି, ଗାତପଶା, ଚୁଲିପଶା, ଅକାଳ, ମାଇପ, ଘଇତା, ମୋ ମାଆଲୋ, ମଲା ଶୋଇବାକୁ କ'ଣ ମିଳିବ ନାହିଁ ଥାନ, ଏଡ଼େ ହଲକ କାହାର ହେବରେ, ଆଗତ କଥା, ବଇଷମ, ସବାଗାଇ, ଆଣ୍ଠୁକୁଡ଼ୀ, କଳି ହୁଡ଼ି ଇତ୍ୟାଦି ବହୁ ଗାଉଁଲି ଶବ୍ଦ ବିନ୍ୟାସ ଓଡ଼ିଶାର ଗ୍ରାମ୍ୟ ପରିବେଶକୁ ମନେ ପକାଇ ଦିଏ ।

**ଶିଶୁ ମୁଖର ଭାଷା :**

ସାଧାରଣତଃ ଶିଶୁମାନେ ଭାଷାକୁ ଠିକ୍ ଭାବେ ଉଚ୍ଚାରଣ କରିପାରନ୍ତି ନାହିଁ । କେତେକ ଶବ୍ଦ ଉଚ୍ଚାରଣ ବେଳେ ସେମାନଙ୍କ ପାଟି ଲାଗିଯାଏ ତ କେତେକର ଉଚ୍ଚାରଣ ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୁଏ । ତେବେ ଏହି ଶିଶୁ ସୁଲଭ ଦରୋଟି ଭାଷାକୁ ଗଣକବି ଅତି ଜୀବନ୍ତ ଭାବେ ବର୍ଣ୍ଣନା କରିଛନ୍ତି । 'ବାଲ୍ୟବିନୋଦ' ଏବଂ 'ବ୍ରଜଲୀଳା' ଗୀତା ଭିନୟରେ ଶ୍ରୀକୃଷ୍ଣ ଏବଂ ସୁଦାମଙ୍କ ଚରିତ୍ର ମୁଖରେ ଶିଶୁମାନଙ୍କ ମୁଖରେ ଅତି ଜୀବନ୍ତ ଭାବରେ ଗଣକବି ଶବ୍ଦ ସଂଯୋଜନ କରିଛନ୍ତି । ଯାହାକୁ ଶୁଣିଲେ ଦର୍ଶକ ତା'ର ସମ୍ମୁଖରେ ଏକ ଛୋଟ ଶିଶୁକୁ ଦେଖିବାକୁ ପାଏ ।

ଛାଲିଦେ (ଛାଡ଼ିଦେ), କାତୁଚି (କାଟୁଛି), ମାଉଛି (ମାଉସୀ), ନୁଚୁକାଳି (ଲୁଚକାଳି), ଖିଲିପିଥା (ଖିରିପିଠା), ଛାନଭାଇ (ସାନଭାଇ), ମାତିଗୁଲା (ମାଟିଗୁଡ଼ାକ) କଇଲେ (କହିଲେ), ବେଛି (ବେଶୀ), ଏଥଲ (ଏଥର) ଇତ୍ୟାଦି ଶିଶୁ ମୁଖର ଭାଷାକୁ ଗଣକବି ତାଙ୍କ ସାହିତ୍ୟରେ ଗ୍ରହଣ କରିଛନ୍ତି । ସାଧାରଣତଃ ଶିଶୁମାନଙ୍କ ଡ୍, ଢ଼୍, ଣ୍, ର୍, ଳ୍, ଉଚ୍ଚାରଣ କରିପାରି ନଥାନ୍ତି । ତେଣୁ ସେମାନଙ୍କ ଭାଷାରେ ନ୍, ଚ୍, ଛ୍, ଲ୍ ଆଦିର ବହୁଳ ବ୍ୟବହାର ଦେଖାଯାଏ ।

**ଉପସଂହାର:**

ଗଣକବି ବୈଷ୍ଣବପାଣି ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଲେଖନୀ ଚାଳନା କରି ବହୁ ଯାତ୍ରା, ସୁଆଙ୍ଗ, ଭଜଣ ଇତ୍ୟାଦି ରଚନା କରିଥିଲେ । ଏହି ସମୟ ଥିଲା ସମଗ୍ର ଭାରତ ତଥା ଓଡ଼ିଶାର ସଙ୍କଟ ଓ ସଂଘର୍ଷର ସମୟ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବୈଷ୍ଣବ ପାଣି ଦର୍ଶକମାନଙ୍କ ମନ ଜାଣି ସେମାନେ କ'ଣ  ଚାହୁଁଛନ୍ତି ତାକୁ ବୁଝି ସେମାନଙ୍କ ରୁଚିକୁ ସମ୍ମାନ ପ୍ରଦର୍ଶନ କରି ସାହିତ୍ୟ ରଚନା କରିଛନ୍ତି । ଖାଣ୍ଟି ଓଡ଼ିଆ ଭାଷାରେ ଏଗୁଡ଼ିକର ଉଲ୍ଲେଖ କରି ଜନସାଧାରଣଙ୍କ ମଧ୍ୟରେ ମାତୃଭାଷା ପ୍ରୀତି ବୃଦ୍ଧି କରିବା  ପାଇଁ ସେ ଚେଷ୍ଟା କରିଛନ୍ତି ।

ସେଥିପାଇଁ ଗଣକବି ବୈଷ୍ଣବପାଣିଙ୍କ ସମୟକୁ ଓଡିଆ ଗୀତିନାଟ୍ୟ ସାହିତ୍ୟରେ  ସୁବର୍ଣ୍ଣ ଯୁଗର ଆଖ୍ୟା ପ୍ରଦାନ କରାଯାଇଛି । ତାହା ସହିତ ଗଣକବି ବୈଷ୍ଣବପାଣିଙ୍କ ପ୍ରୟୋଗିତ ଶବ୍ଦସମ୍ଭାର ସହୃଦୟ ପାଠକ ତଥା ଅଗଣିତ ଦର୍ଶକଙ୍କ ମନରେ ହୃଦୟଗ୍ରାହୀ ତଥା ଭାବଗମ୍ଭୀର ହୋଇପାରିଛି । ଏହି ଶୋଧପତ୍ରଟି ସାହିତ୍ୟିକ ଗବେଷକ ତଥା ପାଠକମାନଙ୍କ ଦ୍ୱାରା ଆଦୃତ ହୋଇ ପରବର୍ତ୍ତୀ ଗବେଷଣା ନିମନ୍ତେ ମାର୍ଗପ୍ରଦର୍ଶନ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ ଅଟେ ।।

**ପାଦ ଟୀକା:**

1. ମହାନ୍ତି, ଶ୍ରୀ ପୂର୍ଣ୍ଣଚନ୍ଦ୍ର, ସାହିତ୍ୟରେ ଶୈଳୀ, ସାହିତ୍ୟର ସମ୍ବିଧାନ, ପୃ. 37.
2. ପାଣି, ବୈଷ୍ଣବ, ରାବଣ ଦିଗ୍ ବିଜୟ, ଗ୍ରନ୍ଥାବଳୀ 2ୟ ଭାଗ, ପୃ. 105
3. ସାହୁ, ଡଃ ବାସୁଦେବ, ଓଡିଆ ଭାଷାର ଉନ୍ମେଷ ଓ ବିକାଶ, ପୃ 237
4. ସାହୁ, ଡଃ ବାସୁଦେବ, ଓଡିଆ ଶବ୍ଦ-ବ୍ୟୁତ୍ପତ୍ତି ଚିନ୍ତନ, ପୃ. 31

5. ତତ୍ରୈବ
6. ମହାନ୍ତି, ଡଃ ଜଗନ୍ନାଥ, ବାରିକ୍, ଶ୍ରୀ ନାରାୟଣ, ଖଣ୍ଡାରି, ଉମାକାନ୍ତ, ଓଡିଆ ଶିକ୍ଷା ଦାନ ପଦ୍ଧତି, 1988, ପୃ. 234
7. ପାଣି, ବୈଷ୍ଣବ, ଭକ୍ତ ସୁଦାମା, ଗ୍ରନ୍ଥାବଳୀ, 3ୟ ଭାଗ, ପୃ.268
8. ପାଣି, ବୈଷ୍ଣବ, ଗଙ୍ଗା ଭାଗୀରଥ, ଗ୍ରନ୍ଥାବଳୀ, 3ୟ ଭାଗ, ପୃ.359
9. ପାଣି, ବୈଷ୍ଣବ, ନଳ ଦମୟନ୍ତୀ,  ଗ୍ରନ୍ଥାବଳୀ, 1ମ ଭାଗ, ପୃ.185

**ସହାୟକ ଗ୍ରନ୍ଥ ସୂଚୀ:**


1. ପାଣି, ବୈଷ୍ଣବ, ବୈଷ୍ଣବପାଣି ଗ୍ରନ୍ଥାବଳୀ, 1ମ ଭାଗ, ଗ୍ରନ୍ଥ ମନ୍ଦିର, କଟକ-2, ପୁନଃ ମୁଦ୍ରଣ-1993.
2. ପାଣି, ବୈଷ୍ଣବ, ବୈଷ୍ଣବପାଣି ଗ୍ରନ୍ଥାବଳୀ, 2ୟ ଭାଗ, ଗ୍ରନ୍ଥ ମନ୍ଦିର, କଟକ-2, 2ୟ ସଂସ୍କରଣ- 1979
3. ପାଣି, ବୈଷ୍ଣବ, ବୈଷ୍ଣବପାଣି ଗ୍ରନ୍ଥାବଳୀ, 3ୟ ଭାଗ, ଗ୍ରନ୍ଥ ମନ୍ଦିର, କଟକ-2, 1ମ ସଂସ୍କରଣ- 1981
4. ମହାନ୍ତି, ଡଃ ଜଗନ୍ନାଥ, ବାରିକ୍, ଶ୍ରୀ ନାରାୟଣ, ଖଣ୍ଡାରି, ଶ୍ରୀ ଉମାକାନ୍ତ, ଓଡିଆ ଶିକ୍ଷା ଦାନ ପଦ୍ଧତି, ନଳନ୍ଦା, କଟକ-2, 3ୟ ସଂସ୍କରଣ-1988,
5. ସାହୁ, ଡଃ ବାସୁଦେବ, ଓଡିଆ ଭାଷାର ଉନ୍ମେଷ ଓ ବିକାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-2, 2ୟ ସଂସ୍କରଣ- 1990
6. ସାହୁ, ଡଃ ବାସୁଦେବ, ଓଡିଆ ଶବ୍ଦ-ବ୍ୟୁତ୍ପତ୍ତି ଚିନ୍ତନ, ପ୍ରକାଶିକା-ଶ୍ରୀମତୀ ସତ୍ୟଶାନ୍ତି ସାହୁ, ରଙ୍ଗଣୀ ପାଟଣା, 1ମ ସଂସ୍କରଣ- 1982